Verified
Smita Das 22.02.2020

# DAV PUBLIC SCHOOLS, BHUBANESWAR
## ANNUAL EXAMINATION, 2019-20
## CLASS-VII
## SUBJECT-HIGHER ODIA

**Time - 3 Hours** **Maximum Marks – 80**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ କ, ଖ, ଗ, ଘ ଏହିପରି **୪ଟି** ବିଭାଗ ଓ **୧୨ଟି** ପ୍ରଶ୍ନ ଅଛି ।
- ପ୍ରଶ୍ନପତ୍ରଟିକୁ ପଢ଼ିବା ପୂର୍ବରୁ **୪ଟି ବିଭାଗ** ଓ **୧୨ଟି ପ୍ରଶ୍ନ** ମୁଦ୍ରିତ ହୋଇଛି କି ନାହିଁ ନିଶ୍ଚିତ ହୁଅନ୍ତୁ ।
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାର୍ଯ୍ୟ ସମୟରେ ଦେବା ନିମନ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ ।
- ପ୍ରଶ୍ନପତ୍ରରେ କିଛି ଲେଖନ୍ତୁ ନାହିଁ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ~~ସମୟରେ~~ ପୂର୍ବରୁ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ନିଶ୍ଚୟ ଲେଖନ୍ତୁ ।
- ପ୍ରତ୍ୟେକ ପ୍ରଶ୍ନକୁ ଧ୍ୟାନପୂର୍ବକ ଅଧ୍ୟୟନ କରି ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖନ୍ତୁ ।

## 'କ' ବିଭାଗ (ପଠନ -୧୦)

**୧. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** (୫X୨=୧୦)

ସମାଜରେ ମନୁଷ୍ୟ ବାସ କରେ । ସାମାଜିକତା ମନୁଷ୍ୟର ଏକ ବିଶେଷ ଗୁଣ ହୋଇଥିବା ହେତୁ ସେ ଅନ୍ୟ ସହ ସମ୍ପର୍କ ସ୍ଥାପନ କରେ । ଏହି ସଂପର୍କ ସମ୍ବନ୍ଧ ଯେତେବେଳେ ଘନିଷ୍ଠ ହୋଇଉଠେ ସେତେବେଳେ ତାହା ବନ୍ଧୁତାରେ ପରିଣତ ହୁଏ । ସୁସ୍ଥ, ସଂହତ ଓ ସୁନ୍ଦର ସମାଜ ଗଠନ ପାଇଁ ବନ୍ଧୁତା ଆବଶ୍ୟକ । ମିତ୍ରତା ସୃଷ୍ଟିର କ୍ଷେତ୍ର ବ୍ୟାପକ ଓ ଉନ୍ମୁକ୍ତ । ସାଧାରଣତଃ ସତ୍‌ଚିନ୍ତା, ସଦିଚ୍ଛା, ହୃଦୟର ଭାବାବେଗ, ସାହାଯ୍ୟ, ସହାନୁଭୂତି, ପରୋପକାର, ଯାତ୍ରା ଉତ୍ସବରେ ସମ୍ମେଳନରୁ ମିତ୍ରତାର ସୃଷ୍ଟି । ରକ୍ତଗତ ସମ୍ପର୍କରୁ ମଧ୍ୟ ସମାଜରେ ବନ୍ଧୁତା ଜନ୍ମ ନିଏ । ମାତ୍ର ମନୋବଳ, ଐକ୍ୟ ଓ ହୃଦୟର ମିଳନରୁ ସୃଷ୍ଟ ମିତ୍ରତା ଚିରନ୍ତନ ଓ ପବିତ୍ର । ଜାତି, ଦେଶ ଓ ବିଶ୍ୱକଲ୍ୟାଣ କାମନାରେ ଯେଉଁମାନେ ବ୍ରତୀ ସେମାନେ ଜାତିବନ୍ଧୁ, ଦେଶବନ୍ଧୁ ଓ ବିଶ୍ୱବନ୍ଧୁ ରୂପେ ପରିଚିତ । ଭାରତୀୟ ସଂସ୍କୃତିରେ ମିତ୍ରତାକୁ ଉଚ୍ଚସ୍ଥାନ ପ୍ରଦାନ କରାଯାଇଛି । ସେଥିପାଇଁ ବିଦ୍ୱାନ ଓ ମନୀଷୀମାନେ ଉଦାତ୍ତ କଣ୍ଠରେ ଘୋଷଣା କରିଛନ୍ତି, "ଯାନି କାନି ଚ ମିତ୍ରାଣି କର୍ତ୍ତବ୍ୟାନି ଶତାନି ଚ ।"

**ପ୍ରଶ୍ନାବଳୀ :-**

(କ) ବନ୍ଧୁତା କାହିଁକି ଆବଶ୍ୟକ ?

(ଖ) ମନୀଷୀମାନେ ଉଦାତ୍ତ କଣ୍ଠରେ କ'ଣ ଘୋଷଣା କରିଛନ୍ତି ?

(ଗ) ଦେଶବନ୍ଧୁ ଓ ବିଶ୍ୱବନ୍ଧୁ ରୂପେ କିଏ ପରିଚିତ ?

(ଘ) ମନୁଷ୍ୟ ଅନ୍ୟସହ କାହିଁକି ସଂପର୍କ ସ୍ଥାପନ କରେ ?

(ଙ) କେଉଁଥିରୁ ମିତ୍ରତାର ସୃଷ୍ଟି ?

## 'ଖ' ବିଭାଗ (ଲିଖନ -୧୫)

୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । (୧X୮=୮)

ଆଧୁନିକ ଜୀବନରେ ବିଜ୍ଞାନର ସ୍ଥାନ, କ୍ରୀଡ଼ା କସରତର ଉପଯୋଗିତା, ପରିବେଶ ପ୍ରଦୂଷଣ

୩. ବିଦ୍ୟାଳୟର ସ୍ୱଚ୍ଛତା ପ୍ରତି ତୁମର କର୍ତ୍ତବ୍ୟ କ'ଣ ହେବ, ସେ ସମ୍ପର୍କରେ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ । (୧X୭=୭)

କିମ୍ବା

ତୁମ ଅଞ୍ଚଳର ରାସ୍ତା ମରାମତି ଆବଶ୍ୟକତା ଦର୍ଶାଇ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

**(ବି.ଦ୍ର. ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)**

## 'ଗ' ବିଭାଗ (ବ୍ୟାକରଣ -୨୦)

୪. (କ) ନିର୍ଦ୍ଦେଶାନୁଯାୟୀ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର । (୫ଟିର) (୫X୧=୫)

(i) ମଣିଷକୁ ଅସ୍ପୃଶ୍ୟ ବୋଲି ଭାବୁଥିବା ଲୋକ ହିଁ ନିଜେ ଅମଣିଷ ।
(ଜଟିଳ ବାକ୍ୟରେ ପରିବର୍ତ୍ତନ କର)

(ii) ସନ୍ନ୍ୟାସୀ ରାଜାଙ୍କ ପ୍ରଶ୍ନଗୁଡ଼ିକ ମନ ଦେଇ ଶୁଣିଲେ, କିନ୍ତୁ କିଛି କହିଲେ ନାହିଁ ।
(ସରଳ ବାକ୍ୟରେ ପରିବର୍ତ୍ତନ କର)

(iii) ରାତ୍ରି ଆସିବାରୁ ତାରାମାନେ ଆକାଶରେ ଦେଖାଗଲେ ।
(ଯୌଗିକ ବାକ୍ୟରେ ପରିବର୍ତ୍ତନ କର)

(iv) କ୍ରିକେଟ୍ ଖେଳରେ ଅଧିନାୟକତ୍ୱର ଦାୟିତ୍ୱ ଖୁବ୍ ବେଶି ।
(ଜଟିଳ ବାକ୍ୟରେ ପରିବର୍ତ୍ତନ କର)

(v) ଚଢ଼େଇମାନେ ନିରାଶ ହୋଇ ନିରୁପାୟଭାବେ ଦଳବାନ୍ଧି ନୀରବରେ ରହିଲେ ।
(ଯୌଗିକ ବାକ୍ୟରେ ପରିବର୍ତ୍ତନ କର)

(vi) ମୁଁ ଯେଉଁ ବହିଟି ଆଣିବାକୁ କହିଥିଲି, ତାହା ଆଣିଛ ?
(ସରଳ ବାକ୍ୟରେ ପରିବର୍ତ୍ତନ କର)

(ଖ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ । (୫ଟିର) (୫X୧=୫)

(i) ତୋଷାମୋଦକାରୀ (ii) ପୁତ୍ରଶୋକ
(iii) ଗୃହାଗତ (iv) କକ୍ଷଚ୍ୟୁତ
(v) କର୍ମନିଷ୍ଠା (vi) ଅନତିଦୂର

୫. (କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (୩ଟିର) (୩X୧=୩)

(i) ଦାଦି (ii) ପନ୍ଦାଡ଼ (iii) ଡାହା (iv) ଉଧେଇବା

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର । (୩ଟିର) (୩X୧=୩)

(i) ଅମିୟ (ii) ଆଶଙ୍କା (iii) ସ୍ୱତଃସିଦ୍ଧ (iv) ଉତ୍କଣ୍ଠିତ

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ । (୨ଟିର) (୨X୧=୨)

(i) ଜ୍ଞାନୀ (ii) ମୁକ୍ତି (iii) ବିପତ୍ତି

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ । (୨ଟିର) (୨X୧=୨)

(i) ତଡ଼ିତ୍ (ii) ସ୍ରୋତସ୍ୱିନୀ (iii) ନାଉରି

ସାହିତ୍ୟ

## 'ଘ' ବିଭାଗ (ପାଠ୍ୟପୁସ୍ତକ -୩୫)

(୫X୧=୫)

୬. ଯେ କୌଣସି ଗୋଟିକର ସପ୍ରସଙ୍ଗ ସରଳାର୍ଥ ଲେଖ । (୦୫)

ଏହା କେବଳ ଓଡ଼ିଶା ବା ଭାରତର ସମସ୍ୟା ନୁହେଁ । ସମଗ୍ର ବିଶ୍ୱର ଏକ ପ୍ରମୁଖ ସମସ୍ୟା ।

କିମ୍ବା

ସେ ତ କାହା ବିକଳ ସହିପାରନ୍ତି ନାହିଁ ।

୭. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୩ଟିର) (୩X୨=୬)

(କ) କେଉଁ କେଉଁ ଖାଦ୍ୟରୁ ଶ୍ୱେତସାର ଓ ସ୍ନେହସାର ମିଳେ ?

(ଖ) ଦୋକାନୀ ଜଣକ ମନେ ମନେ କାହିଁକି ଲଜ୍ଜିତ ହେଲେ ?

(ଗ) ମହର୍ଷି ବାଜଶ୍ରବା ଉପସ୍ଥିତ ଅତିଥି ଅଭ୍ୟାଗତଙ୍କର କିପରି ଅର୍ଚ୍ଚନା କରିଥିଲେ ?

(ଘ) ସଡ଼କ ସତର୍କତା ସମ୍ପର୍କରେ ଆମେ ସଚେତନ ହେବା କାହିଁକି ?

(ଙ) "ବୀର ଯୁବକ ! ମୃତ୍ୟୁ ତୁମକୁ ଅମର କରିଛି " – ଏକଥା କିଏ, କାହାକୁ ଓ କାହିଁକି କହିଛନ୍ତି ?

୮. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବନ୍ଧନୀ ମଧ୍ୟରୁ ବାଛି ଲେଖ । (୪X୧=୪)

(କ) ଯମପୁରର ରୁଦ୍ଧଦ୍ୱାର ନିକଟରେ କେତେ ଦିନ ଅନଶନ କଲାପରେ ନଚିକେତା ଯମଙ୍କ ଦର୍ଶନ ପାଇଲେ?

(ଦୁଇ ଦିନ, ତିନି ଦିନ, ଚାରି ଦିନ, ପାଞ୍ଚ ଦିନ)

(ଖ) ପ୍ରତ୍ୟେକ ଦେଶର ପ୍ରଧାନ ସମସ୍ୟା କ'ଣ ?

(ସାମାଜିକ ସମସ୍ୟା, ରାଜନୈତିକ ସମସ୍ୟା, ଆର୍ଥିକ ସମସ୍ୟା, ଖାଦ୍ୟ ସମସ୍ୟା)

(ଗ) ବାର୍ଣ୍ଣାଡ଼ ଓରିଲି ଜଣେ କ'ଣ ଥିଲେ ?

(ଡାକ୍ତର, ବିମାନଚାଳକ, ପଶୁପାଳକ, ନାବିକ)

(ଘ) "ଭାଇ, ଗୋଟିଏ ଉଦ୍ଦେଶ୍ୟ ନେଇ ମୁଁ ତୁମ ପାଖକୁ ଆସିଥିଲି ।" – ଏହି ଉକ୍ତିଟି କାହାର ?

(ମଣିମା, ମନ୍ତ୍ରୀ, ଚନ୍ଦନକାଠ ବ୍ୟବସାୟୀ, ସିପାହୀ)

୯. ଯେ କୌଣସି ଗୋଟିକର ସପ୍ରସଙ୍ଗ ସରଳାର୍ଥ ଲେଖ ।

କିଏ ସରି ହେବ ଗୁଣ ଜ୍ଞାନେ ତାଙ୍କୁ

କିଏ ସରି ହେବ ତେଜେ ।

କିମ୍ବା

'ଇଚ୍ଛା ହୁଏ ମାଟିରେ ତା'ର

ଶିରଟି ମୋର ନୁଆଁନ୍ତି ।'

(୩X୨=୬)

୧୦. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୩ଟିର)

(କ) ନଦୀକୁ 'ମାତୃରୂପା' ବୋଲି କାହିଁକି କୁହାଯାଇଛି ?

(ଖ) ନାଉରି ପିଲାଟି ବିଜୟର ଗାର ଲେଖି ଦେଲା ବୋଲି କାହିଁକି କୁହାଯାଇଛି ?

(ଗ) କ୍ଷୁଦ୍ର ମହତ ହୁଏ କିପରି ?

(ଘ) 'ଆଲୁଅ ଠାରୁ ଅନ୍ଧାର ଭଲ' କାହିଁକି କୁହାଯାଇଛି ?

(ଙ) 'ତୁହି ତ ଜଗତର କଲ୍ୟାଣୀ' ବୋଲି କବି କାହାକୁ କହିଛନ୍ତି ?

(୪X୧=୪)

୧୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବନ୍ଧନୀ ମଧ୍ୟରୁ ବାଛି ଲେଖ ।

(କ) ଘରର ଯେଉଁ କୋଠରିରେ ଶିଶୁ ଜନ୍ମ ହେବା ପାଇଁ ବ୍ୟବସ୍ଥା କରାଯାଇଥାଏ, ତାହାକୁ କ'ଣ କୁହାଯାଏ ?

(ସରଘର, ଷଠୀଘର, ଏନ୍ତୁଡ଼ିଶାଳ, ହାଣ୍ଡିଶାଳ)

(ଖ) ବାଳୁତବୀର ବୋଲି କାହାକୁ କୁହାଯାଇଛି ?

(ନଚିକେତା, ଧର୍ମପଦ, ଖୁଦୀରାମ, ବାଜିରାଉତ)

(ଗ) କ୍ଷୁଦ୍ର ବାରିଧାରାଟି କେଉଁଥିରେ ପରିଣତ ହୁଏ ?

(ହ୍ରଦ, ସମୁଦ୍ର, ପୁଷ୍କରିଣୀ, ସ୍ରୋତସ୍ୱିନୀ)

(ଘ) ନଦୀ ଶେଷରେ କାହାକୁ ଭେଟେ ?

(ମହୋଦଧି, ସରୋବର, ଅରଣ୍ୟ, ପାହାଡ଼)

(୦୪)

## ୧୨. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ ।

'ସୁରେନ୍ଦ୍ର ସାଏ ଥିଲେ ଜଣେ ମହାନ ସଂଗ୍ରାମୀ ଓ ସଂଘର୍ଷର ପ୍ରତୀକ ।' ଏହା ତାଙ୍କ ଜୀବନରେ କିପରି ପ୍ରତିଫଳିତ ହୋଇଥିଲା ଲେଖ ।

**ଅଥବା**

ଏକାଙ୍କିକାଟିର ନାମ 'ଦରଜା ଖୋଲିଦେବା' କିପରି ଯଥାର୍ଥ ହୋଇଛି ଲେଖ ।

*******